# NATIONAL NEWS BULLETIN (ODIA)

**22 December - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- କେନ୍ଦ୍ର ସରକାରୀ କାର୍ଯ୍ୟାଳୟ ପାଇଁ ୭୧ ହଜାରରୁ ଅଧିକ ନବନିଯୁକ୍ତଙ୍କୁ ଆସନ୍ତାକାଲି ନିଯୁକ୍ତିପତ୍ର ବଣ୍ଟନ କରିବେ ପ୍ରଧାନମନ୍ତ୍ରୀ

- ନୂଆଦିଲ୍ଲୀଠାରେ 'ଫିଟ୍ ଇଣ୍ଡିଆ ସଣ୍ଡେ ଅନ୍ ସାଇକେଲ୍' କାର୍ଯ୍ୟକ୍ରମରେ ସିଆରପିଏଫ୍ ଏବଂ ଆଇଟିବିପି ଯବାନ୍‌ଙ୍କ ଯୋଗଦାନ

- ପଞ୍ଜାବର ବିଭିନ୍ନ ନଗରନିଗମ କ୍ଷେତ୍ର ପାଇଁ ଗତକାଲି ନିର୍ବାଚନ ଅନୁଷ୍ଠିତ

- ସିରିୟାର ରାଜଧାନୀ ଦାମାସ୍କସ୍‌ଠାରେ ପୁନର୍ବାର ଦୂତାବାସ ଖୋଲିଲା କାତାର

ଏବଂ

- ୧୯ ବର୍ଷରୁ କମ୍ ମହିଳା ଟି-ଟ୍ୱେଣ୍ଟି ଏସିଆ କପ୍ କ୍ରିକେଟ୍ ଟାଇଟଲ୍ ହାସଲ କଲା ଭାରତ

# ପିଏମ୍ ରୋଜଗାର ମେଳା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଭିଡିଓ କନଫରେନ୍ସିଂ ମାଧ୍ୟମରେ ୭୧ ହଜାରରୁ ଅଧିକ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବେ। ଏହି ଅବସରରେ ସେ କାର୍ଯ୍ୟକ୍ରମକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି। ଦେଶର ୪୫ଟି ସ୍ଥାନରେ ଏହି ରୋଜଗାର ମେଳା ଅନୁଷ୍ଠିତ ହେବ। କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ପାଇଁ ଏହି ନବନିଯୁକ୍ତ ମନୋନିତ ହୋଇଛନ୍ତି। ଏହି ରୋଜଗାର ମେଳା ମାଧ୍ୟମରେ କେନ୍ଦ୍ର ସରକାର ନିଯୁକ୍ତିକୁ ପ୍ରାଥମିକତା ପ୍ରଦାନ କରୁଥିବା ପ୍ରମାଣିତ ହେଉଛି। ଦେଶ ନିର୍ମାଣ ଏବଂ ଆତ୍ମ ସଶକ୍ତୀକରଣ କ୍ଷେତ୍ରରେ ଯୁବବର୍ଗଙ୍କୁ ଅଂଶଗ୍ରହଣ ପାଇଁ ଏହା ଅର୍ଥପୂର୍ଣ୍ଣ ସୁଯୋଗ ପ୍ରଦାନ କରିବ। ଏହି ନବନିଯୁକ୍ତ କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ଡାକବିଭାଗ, ଉଚ୍ଚଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ଓ ପରିବାରକଲ୍ୟାଣ ମନ୍ତ୍ରଣାଳୟ ଏବଂ ଆର୍ଥିକ ସେବା ବିଭାଗ ଆଦିରେ ଯୋଗଦେବେ।

---

# ପିଏମ୍ ମୋଦୀ–ଅଶ୍ୱିନୀ

କ୍ରିକେଟ୍ ପ୍ରତି ରବିଚନ୍ଦ୍ରନ୍ ଅଶ୍ୱିନୀଙ୍କ ଉଲେଖନୀୟ ଅବଦାନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଚ୍ଚପ୍ରଶଂସା କରିଛନ୍ତି। ଗତ ୧୮ ତାରିଖରେ କ୍ରିକେଟ୍ ଖେଳାଳୀ ଶ୍ରୀ ଅଶ୍ୱିନୀ ଆନ୍ତର୍ଜାତିକ କ୍ରିକେଟ୍‌ରୁ ଅବସର ଘୋଷଣା କରିବା ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ତାଙ୍କୁ ଏକ ଭାବପ୍ରବଣ ଖୋଲା ଚିଠି ଲେଖିଛନ୍ତି। ବର୍ଡର ଗାଭାସ୍କର ଟ୍ରଫି କ୍ରିକେଟ୍ ସିରିଜ୍ ମଝିରେ ହଠାତ୍ ଅଶ୍ୱିନୀଙ୍କର ଅବସର ଘୋଷଣା ବିଶ୍ୱବ୍ୟାପୀ କ୍ରିକେଟ୍ ପ୍ରେମୀଙ୍କୁ ଚକିତ କରିଥିଲା। ପ୍ରଧାନମନ୍ତ୍ରୀ ଶ୍ରୀ ଅଶ୍ୱିନୀଙ୍କ ଏହି ଅବସର ଘୋଷଣାକୁ କ୍ୟାରମ୍ ବଲ୍ ସହ ତୁଳନା କରିଛନ୍ତି। ତାମିଲ୍‌ନାଡୁ ସ୍ପିନର୍‌ଙ୍କ ଖେଳ ପ୍ରତି ସମର୍ପଣ

ଏବଂ ରେକର୍ଡ ଭାଙ୍ଗିବା ନେଇ ପ୍ରୟାସର ଶ୍ରୀ ମୋଦୀ ପ୍ରଶଂସା କରିଛନ୍ତି। ୭୬୫ ଆନ୍ତର୍ଜାତିକ କ୍ରିକେଟ୍ ଏବଂ ଟେଷ୍ଟରେ ସର୍ବାଧିକ ପ୍ଲେୟାର ଅଫ୍ ଦି ପୁରସ୍କାର  ପ୍ରାପ୍ତ ଶ୍ରୀ ଅଶ୍ୱିନୀଙ୍କ କ୍ରିକେଟ୍ ଜୀବନ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ତାଙ୍କ ଅଭିନବ ବୋଲିଂ ଏବଂ ପ୍ରତିଦ୍ୱନ୍ଦୀଙ୍କ ଉପରେ ଆଧିପତ୍ୟ ବିସ୍ତାର କରିବାର ଦକ୍ଷତାକୁ ଉଲ୍ଲେଖ କରିଛନ୍ତି। ଇଂଜିନିୟରିଂ ପୃଷ୍ଠଭୂମିରୁ କ୍ରିକେଟ୍ ପ୍ରତି ଅଶ୍ୱିନୀଙ୍କର ଆଗ୍ରହ ଉପରେ ପ୍ରଧାନମନ୍ତ୍ରୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ତାଙ୍କର ଅଦମ୍ୟ ଚେଷ୍ଟା ଏବଂ ଉଦ୍ୟମ ଯୋଗୁଁ ଭାରତୀୟ କ୍ରିକେଟ୍ ବିଶ୍ୱ ଦରବାରରେ ନୂତନ ଉଚ୍ଚତାରେ ପହଞ୍ଚିଛି ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ଚିଠିରେ ପ୍ରକାଶ କରିଛନ୍ତି।

## ମାଣ୍ଡବ୍ୟ ସାଇକେଲ

କେନ୍ଦ୍ରୀୟ ରିଜର୍ଭ ପୁଲିସ୍ ଫୋର୍ସ- ସିଆରପିଏଫ୍ ଏବଂ ଭାରତ ତିବତ୍ ସୀମା ପୁଲିସ୍ ଆଇଟିବିପି ନୂଆଦିଲ୍ଲୀଠାରେ ଆଜି ଫିଟ୍ ଇଣ୍ଡିଆ ସଣ୍ଡେ ଅନ୍ ସାଇକେଲ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। କ୍ରୀଡାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଯବାନ୍‌ଙ୍କ ସହ ମେଜର ଧ୍ୟାନଚନ୍ଦ ଜାତୀୟ ଷ୍ଟାଡିୟମ୍‌ରୁ ବାହାରି ରାଇସିନା ପାହାଡ ପର୍ଯ୍ୟନ୍ତ ଯାତ୍ରା କରିଥିଲେ। ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ଶ୍ରୀ ମାଣ୍ଡବ୍ୟ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ସମଗ୍ର ଦେଶରେ ଏହି ଅଭିଯାନ ଆରମ୍ଭ ହୋଇଛି। ୧ ହଜାର ୧୦୦ରୁ ଅଧିକ ସ୍ଥାନରେ ଏଭଳି ଅଭିଯାନ ଅନୁଷ୍ଠିତ ହେଉଛି। ସାଇକେଲ ଚଳାଇବା ଏକ ସର୍ବୋତ୍ତମ ବ୍ୟାୟାମ। ଏହା ବ୍ୟକ୍ତିକୁ ସୁସ୍ଥ ରଖିବା ସହ ପରିବେଶକୁ ପ୍ରଦୂଷଣମୁକ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ମନ୍ତ୍ରୀ ଶ୍ରୀ ମାଣ୍ଡବ୍ୟ କହିଛନ୍ତି। ଏହି ଅଭିଯାନରେ ଅଧିକରୁ ଅଧିକ ଲୋକ ସାମିଲ ହେବାକୁ ଶ୍ରୀ ମାଣ୍ଡବ୍ୟ ଆହ୍ୱାନ ଦେଇଛନ୍ତି।

# ଗଡ଼କରୀ - ବାୟୋ ବିଟୁମେନ୍ ହାଇୱେ

କେନ୍ଦ୍ର ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ନାଗପୁର ଜିଲ୍ଲାର ୪୪ ନମ୍ବର ଜାତୀୟ ରାଜପଥ ଅନ୍ତର୍ଗତ ନାଗପୁର-ମନସାର ବାଇପାସ ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି । ବାୟୋ ବିଟୁମେନ୍ ସାମଗ୍ରୀ ବ୍ୟବହାର କରି ପ୍ରଥମ ଥରପାଇଁ ଏହି ବାଇପାସ୍ ପ୍ରକଳ୍ପ ନିର୍ମାଣ କରାଯାଇଛି । ପରିବେଶ ଅନୁକୂଳ ରାସ୍ତା ନିର୍ମାଣଦ୍ୱାରା ଖର୍ଚ୍ଚ ହ୍ରାସ ପାଇବା ସହ ରୋଜଗାର ମାଧ୍ୟମ ମଧ୍ୟ ସୃଷ୍ଟି ହୋଇପାରିଛି । ଫସଲର ଅବଶିଷ୍ଟାଂଶରୁ ପ୍ରସ୍ତୁତ ବିଟୁମେନ୍ ବ୍ୟବହାର କରି ନିର୍ମାଣ ହୋଇଥିବା ଏହି ରାସ୍ତା ପାରମ୍ପରିକ ରାସ୍ତା ତୁଳନାରେ ୪୦ ପ୍ରତିଶତ ଅଧିକ ମଜଭୁତ ବୋଲି ଶ୍ରୀ ଗଡ଼କରୀ କହିଛନ୍ତି । ଜାତୀୟ ରାଜପଥ ପ୍ରକଳ୍ପର ଏହି ୧ କିଲୋମିଟର ରାସ୍ତା ପ୍ରଥମ ଥରପାଇଁ ନିର୍ମାଣ କରାଯାଇଛି । ବାୟୋ ସି.ଏନ୍.ଜି. ଭଳି ଅଣପାରମ୍ପରିକ ଶକ୍ତିଉତ୍ସର ବ୍ୟବହାର ଉପରେ ଶ୍ରୀ ଗଡ଼କରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି । କୃଷି ବର୍ଜ୍ୟବସ୍ତୁ ଏବଂ ବାଉଁଶରୁ ବାୟୋ ସି.ଏନ୍.ଜି. ଉତ୍ପାଦନ କରିବାକୁ ମନ୍ତ୍ରୀ ଶ୍ରୀ ଗଡ଼କରୀ ପରାମର୍ଶ ଦେଇଛନ୍ତି ।

---

# ପଞ୍ଜାବ ଇଲେକ୍ସନ

ପଞ୍ଜାବରେ ଗତକାଲି ବିଭିନ୍ନ ନଗର ନିଗମ କ୍ଷେତ୍ର ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ପାତିଆଲା ମହାନଗର ନିଗମରେ ଆମ୍ ଆଦମୀ ପାର୍ଟି ବିଜୟ ହାସଲ କରିଛି। ତେବେ ଜଳନ୍ଧର, ଅମୃତସର, ଲୁଧିୟାନା ଏବଂ ଫଗୁଓ୍ୱାଡା ନିଗମରେ କୌଣସି ଦଳକୁ ସ୍ୱଷ୍ଟ ବହୁମତ ମିଳିନାହିଁ। 'କଂଗ୍ରେସ୍ ଓ ବିଜେପି' ଶିରୋମଣି ଅକାଳୀ ଦଳ ଏବଂ ବିଏସ୍‌ପି ଠାରୁ ଭଲ ପ୍ରଦର୍ଶନ କରିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଏହି

ନିର୍ବାଚନରେ ୬୫ ଦଶମିକ ୮/୫ ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଥିଲେ।

## କାତାର ଏମ୍ବାସି ଇନ୍ ସିରିୟା

କାତାର ଆନୁଷ୍ଠାନିକ ଭାବେ ସିରିୟାର ରାଜଧାନୀ ଦାମାସ୍କସ୍ଠାରେ ଦୂତାବାସ ପୁନର୍ବାର ଖୋଲିଛି। ସିରିୟାରେ ଗୃହଯୁଦ୍ଧ ଆରମ୍ଭ ହେବା ପରେ କାତାର ତାର ଦୂତାବାସକୁ ବନ୍ଦ କରି ଦେଇଥିଲା। ୧୩ ବର୍ଷ ପରେ ଏହା ପୁନଃ ଆରମ୍ଭ ହୋଇଛି। ଗତ ୮ ତାରିଖରେ ପୂର୍ବତନ ରାଷ୍ଟ୍ରପତି ବସର ଅଲ୍ ଅସଦ୍ଙ୍କ ସରକାରଙ୍କ ପତନ ପରେ ଆଂଚଳିକ ଏବଂ ପାଶ୍ଚାତ୍ୟ ପ୍ରତିନିଧିମାନେ ସେଠାକୁ ଗସ୍ତ କରି ନୂତନ ନେତୃତ୍ୱଙ୍କ ସହ ଯୋଗାଯୋଗ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଦୂତାବାସ ପୁନଃ ଆରମ୍ଭ ହୋଇଥିବା ଜଣାପଡିଛି। କୂଟନୈତିକ ସମ୍ପର୍କ ପୁନଃ ଆରମ୍ଭ କରିବାର ସପ୍ତାହକ ପୂର୍ବରୁ କାତାରର ଏକ ପ୍ରତିନିଧିମଣ୍ଡଳୀ ଦାମାସକସ୍ ଗସ୍ତ କରିଥିଲେ। କାତାର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମାଜେଦ୍ ଅଲ୍ ଅଂସାରୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ପ୍ରତିନିଧିମଣ୍ଡଳୀ ସିରିୟାର ପରବର୍ତ୍ତିତ ସରକାରଙ୍କର ପ୍ରତିନିଧି ସହ ସାକ୍ଷାତ ଆଲୋଚନା କରିଛନ୍ତି। ସେଠାରେ ସୁରକ୍ଷା, ଶାନ୍ତି ଏବଂ ସମୃଦ୍ଧି ହାସଲ କରିବାକୁ କାତାର ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବ ବୋଲି ସେ ସୂଚନା ଦେଇଛନ୍ତି। ସିରିୟାରେ ନେତୃତ୍ୱ ପରିବର୍ତ୍ତନ ପରେ କୂଟନୈତିକ ସମ୍ପର୍କ ସ୍ଥାପନ କରିବାରେ ତୁର୍କି ପରେ କାତାର ହେଉଛି ଦ୍ୱିତୀୟ ଦେଶ।

## ୟୁଏସ୍ ଏୟାର ଷ୍ଟ୍ରାଇକ୍

ୟେମେନ୍‌ର ହୁତି ବିଦ୍ରୋହୀ ଗୋଷ୍ଠି ଦ୍ୱାରା ପରିଚାଳିତ ସାନାସ୍ଥିତ କ୍ଷେପଣାସ୍ତ୍ରାଗାର ଓ କମାଣ୍ଡ ଆଣ୍ଡ୍ କଣ୍ଟ୍ରୋଲ୍ କେନ୍ଦ୍ର ଉପରେ ଆମେରିକା ସେନା ଆକାଶ ମାର୍ଗରୁ ଆକ୍ରମଣ କରିଛି । ଆମେରିକାର ସେଣ୍ଟ୍ରାଲ୍ କମାଣ୍ଡ୍ ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ ସୂଚନା ଦେଇ କହିଛି, ସାନାସ୍ଥିତ ସେହି କେନ୍ଦ୍ରଗୁଡ଼ିକ ଉପରେ ଗତ ରାତିରେ ଆକ୍ରମଣ କରାଯାଇଛି । ଏଥିସହ ଲୋହିତ ସାଗର ଅଞ୍ଚଳରେ ହୁତି ପକ୍ଷରୁ ହୋଇଥିବା ଏକତରଫା ଆକ୍ରମଣକୁ ଆମେରିକା ସେନା ପ୍ରତିହତ କରିଛି । ସୂଚନାଯୋଗ୍ୟ, କେନ୍ଦ୍ରୀୟ ଇସ୍ରାଏଲ୍‌ର ତେଲ୍‌ଅବିବ୍‌ର ଅଂଚଳରେ ହୁତି ବିଦ୍ରୋହୀଙ୍କ ପକ୍ଷରୁ କ୍ଷେପଣାସ୍ତ୍ର ମାଡ ଯୋଗୁଁ ଅତି କମ୍‌ରେ ୨୦ ଜଣ ଆହତ ହୋଇଥିଲେ । ଏହି କ୍ଷେପଣାସ୍ତ୍ର ମାଡର ପ୍ରତିବାଦରେ  ସେନା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଆମେରିକା କହିଛି । କାର୍ଯ୍ୟାନୁଷ୍ଠାନ ସମୟରେ ଲୋହିତ ସାଗରରେ ଆମେରିକାର ଏକ ଲଢୁଆ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିବା ସେନା ସୂଚନା ଦେଇଛି । ତେବେ ଏଥିରେ ପାଇଲଟଙ୍କୁ ଉଦ୍ଧାର କରାଯାଇଥିବାବେଳେ ଅନ୍ୟ ଜଣେ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି ।

---

## ପଞ୍ଜାବ ବିଲ୍ଡିଂ କୋଲାପ୍ସ

ପଞ୍ଜାବ ଚଣ୍ଡିଗଡ଼ ନିକଟସ୍ଥ ମୋହାଲିଠାରେ ଗତ ସନ୍ଧ୍ୟାରେ ଭୁଶୁଡି ପଡିଥିବା ତିନିମହଲା କୋଠାର ଭଗ୍ନାବଶେଷରୁ ଉଦ୍ଧାର  କାର୍ଯ୍ୟ ଜାରି ରହିଛି । ମୋହାଲିର କାର୍ଯ୍ୟକାରୀ ଡେପୁଟୀ କମିଶନର ବିରାକ୍ ଟିଡ୍‌କେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଗତ ସନ୍ଧ୍ୟାରୁ ଉଦ୍ଧାର କାର୍ଯ୍ୟରେ ସେନା, ଏନ୍‌ଡିଆରଏଫ୍ ଏବଂ ରାଜ୍ୟ ପୁଲିସ୍ ନିୟୋଜିତ ଅଛନ୍ତି । ଡାକ୍ତରୀ ଦଳ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ଆହତଙ୍କୁ ନିକଟସ୍ଥ ଡାକ୍ତରଖାନାରେ

ଜରୁରୀକାଳିନ ସେବା ପ୍ରଦାନ କରାଯାଉଛି। ଏହି ଘଟଣାରୁ ଏପର୍ଯ୍ୟନ୍ତ ୨ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣଙ୍କର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଛି। ତେବେ ଭଗ୍ନାବଶେଷ ତଳେ ଏବେ ମଧ୍ୟ ଆଉ କିଛି ଲୋକ ପୋତି ହୋଇ ରହିଥିବା ଆଶଙ୍କା କରାଯାଉଛି। ମୁଖ୍ୟମନ୍ତ୍ରୀ ଭଗ୍‌ୱନ୍ତ ସିଂ ମାନ୍ ମୋହାଲି ପ୍ରଶାସନ ସହ ନିରନ୍ତର ଯୋଗାଯୋଗରେ ରହିଛନ୍ତି।

---

# ଅଣ୍ଡର ନାଇଣ୍ଟିନ୍ କ୍ରିକେଟ୍

ଭାରତ ୧୯ ବର୍ଷରୁ କମ୍ ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ଏସିଆ କପ୍ ଟାଇଟଲ୍ ବିଜୟୀ ହୋଇଛି। ମାଲେସିଆର କ୍ୱାଲାଲମ୍‌ପୁରଠାରେ ଆଜି ଅନୁଷ୍ଠିତ ଫାଇନାଲ୍ ଖେଳରେ ବାଲାଂଦେଶକୁ ଭାରତ ୪୧ ରନ୍‌ରେ ପରାସ୍ତ କରିଛି। ବାଂଲାଦେଶ ଟସ୍ ଜିତି ଭାରତକୁ ବ୍ୟାଟିଂ କରିବାପାଇଁ ଆମନ୍ତ୍ରଣ କରିଥିଲା। ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ବିନିମୟରେ ଭାରତ ୧୧୭ ରନ୍ ସଂଗ୍ରହ କରିଥିଲା। ଗଙ୍ଗାଡି ତ୍ରିଶା ଦଳ ପକ୍ଷରୁ ୪୭ଟି ବଲ୍‌ରୁ ସର୍ବାଧିକ ୫୨ ରନ୍ ସଂଗ୍ରହ କରିଥିଲେ। ବାଲାଂଦେଶ ପକ୍ଷରୁ ଫର୍ଜାନା ୟାସ୍ମିନ୍ ୪ଟି ୱିକେଟ୍ ଅକ୍ତିଆର କରିଥିଲେ। ୧୧୮ ରନ୍ ବିଜୟ ଲକ୍ଷ୍ୟର ପିଛାକରି ବାଂଲାଦେଶ ୧୮ ଓଭର ୩ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ମାତ୍ର ୭୬ ରନ୍ ସଂଗ୍ରହ କରିଥିଲା। ଭାରତ ପକ୍ଷରୁ ଆୟୁଷୀ ଶୁକ୍ଲା ୩ଟି ୱିକେଟ୍ ଅକ୍ତିଆର କରିଥିବାବେଳେ ପାରୁଣିକା ଶିସୋଦିଆ ଏବଂ ସୋନମ୍ ଯାଦବ୍ ୨ଟି ଲେଖାଏଁ ୱିକେଟ୍ ହାସଲ କରିଥିଲେ। ଗତ ୧୫ ତାରିଖରୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଥିଲା। ଏଥିରେ ୬ଟି ଦଳଙ୍କ ମଧ୍ୟରେ ଟାଇଟଲ୍ ହାସଲ ପାଇଁ ପ୍ରତିଦ୍ୱନ୍ଦିତା ହୋଇଥିଲା।

---

# ୱିମେନ୍ କ୍ରିକେଟ୍

ଭାରତ-ୱେଷ୍ଟ ଇଣ୍ଡିଜ୍ ମହିଳା କ୍ରିକେଟ୍ ଚଳିତ ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍ ଆଜି ବଦୋଦରାର କୋଟାମ୍ବି ଷ୍ଟାଡିୟମ୍‌ଠାରେ ଚାଲିଛି। ଟସ୍ ଜିତି ୱେଷ୍ଟଇଣ୍ଡିଜ୍ ଭାରତକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଛି। ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଭାରତ ୨ ଓ ଭରରେ କୌଣସି ୱିକେଟ୍ ନ ହରାଇ ୬ ରନ୍ ସଂଗ୍ରହ କରିଥିଲା। ଟି-ଟ୍ୱେଣ୍ଟି ସିରିଜ୍‌କୁ ଭାରତ ୨-୧ରେ ଅକ୍ତିଆର କରିଛି । ଦିନିକିଆ ଅନ୍ତର୍ଜାତୀୟ ସିରିଜ୍‌କୁ ମଧ୍ୟ ଅକ୍ତିଆର କରିବାକୁ ଭାରତୀୟ ମହିଳା ଦଳ ପ୍ରୟାସ କରିବେ । ସ୍ମୃତି ମାନ୍ଧାନାଙ୍କ ନେତୃତ୍ୱରେ ଭାରତୀୟ ଦଳ ଟି-ଟ୍ୱେଣ୍ଟି ସିରିଜ୍‌ରେ ବିଜୟ ଲାଭ କରିଥିଲା ।

........................................................................................